
# N R E G A

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍



ଦରଖାସ୍ତ ଜବ୍‌କାର୍ଡ଼ ଟଙ୍କା (ମଜୁରୀ)

## ଗ୍ରାମ୍ୟ ସ୍ତରୀୟ ଯୋଗାଯୋଗ ପୁସ୍ତିକା

# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଗ୍ରାମ୍ୟସ୍ତରୀୟ ଯୋଗାଯୋଗ ପୁସ୍ତିକା

SPREAD

*Spread the light of freedom*

ପ୍ରକାଶକ : ସ୍ପ୍ରେଡ୍, କୋରାପୁଟ

ବିଷୟ ପ୍ରସ୍ତୁତି

ରାମକୃଷ୍ଣ ସୁରଦେଓ

ନୀଳିମା ବିଶ୍ୱାଳ

**SPREAD**
P.O. Box No. - 12
At/Po. - New Janiguda,
Dist. - Koraput
Pin : 764020
e-mail : spreadkoraput@sify.com
Phone : 06852 - 250326 / 251018
www.spread.org.in

| | | |
|---|---|---|
| • ପୁସ୍ତିକାର ଶିରୋନାମା | - | **ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍**<br>ଗ୍ରାମସ୍ତରୀୟ ଯୋଗାଯୋଗ ପୁସ୍ତିକା |
| • ପ୍ରକାଶକ | - | ସ୍ୱେଡ୍, କୋରାପୁଟ |
| • ସହାୟତା ପ୍ରଦାନକାରୀ ଅନୁଷ୍ଠାନ | - | PRIA-DFID, ଭୁବନେଶ୍ୱର |
| • ବିଶେଷ ସହାୟତା | - | ରାମକୃଷ୍ଣ ସୁରଦେଓ |
| • ପ୍ରସ୍ତୁତକାରୀ ଦଳ | - | ରାମକୃଷ୍ଣ ସୁରଦେଓ |
| | - | ନୀଳିମା ବିଶ୍ୱାଳ |
| • ବିଷୟ ପ୍ରସ୍ତୁତି | - | ନୀଳିମା ବିଶ୍ୱାଳ |
| • ସଂପାଦନା | - | ବାବାଜି ଚରଣ ପରିଡ଼ା |
| • ରେଖାଚିତ୍ର | - | ବିଦ୍ୟାଧର ମହାରଣା |
| • ପ୍ରକାଶନ ସମୟ | - | ନଭେମ୍ବର, ୨୦୦୮ |

# ମୁଖବନ୍ଧ

କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଗରିବ ଲୋକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ତଥା ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍, ୨୦୦୬ ଆମ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବା ଉନ୍ନତିପଥର ଏକ ପାହାଚ ସଦୃଶ । ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅନ୍ୟତମ । ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଏହା ସରକାରଙ୍କର ଏକ ଦୃଢ ପଦକ୍ଷେପ ।

ମାତ୍ର ଅନେକ ସମୟରେ ଦେଖାଯାଉଛି ଏହି ଉନ୍ନତିମୂଳକ କାର୍ଯ୍ୟକ୍ରମ / ପ୍ରକଳ୍ପ / ଆଇନ୍ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚିପାରୁ ନାହିଁ । ଯଦି ବା ପହଞ୍ଚୁଛି ଲୋକମାନଙ୍କ ପାଖରେ ସଂପୂର୍ଣ୍ଣ ଜ୍ଞାନର ଅଭାବ ରହିଛି । ଯାହାଦ୍ୱାରା କି ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ୨୦୦୬ ମସିହା ଫେବୃୟାରୀ ମାସରୁ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ, ଆଜି ବି କୋରାପୁଟ ଜିଲ୍ଲାର ଅନେକ ସାଧାରଣ ଲୋକ ଏହି ଆଇନ୍ ବିଷୟରେ ଅଜ୍ଞ ।

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ଲୋକାଭିମୁଖୀ କରି ଜନସଚେତନତା ସୃଷ୍ଟି କରିବା ଦିଗରେ ସହାୟତା କରିବା ଉଦ୍ଦେଶ୍ୟରେ ଏହି ପୁସ୍ତିକାଟିକୁ ପ୍ରକାଶନ କରାଯାଇଛି । ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକମାନଙ୍କ ପାଖରେ ଏହା ପହଞ୍ଚିବା ସହ ସଚେତନତା ବୃଦ୍ଧି କରିବା ଏହି ପ୍ରକାଶନର ମୂଳ ଉଦ୍ଦେଶ୍ୟ ।

ଏହି ଗ୍ରାମ୍ୟସ୍ତରୀୟ ଯୋଗାଯୋଗ ପୁସ୍ତିକାଟିକୁ ସରଳ, ସହଜ ଓ ବୋଧଗମ୍ୟ କରିବା ପାଇଁ ଯଥେଷ୍ଟ ପ୍ରୟାସ କରାଯାଇଛି । ତାଲିମ୍, କର୍ମଶାଳା, ସଭା ଇତ୍ୟାଦି ମାଧ୍ୟମରେ ଏହି ପୁସ୍ତିକାଟିକୁ ବ୍ୟବହାର କରି ସାଧାରଣ ଲୋକଙ୍କ ପାଖରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧୀୟ ସୂଚନା ଓ ତଥ୍ୟ ପହଞ୍ଚାଇବା ସହ ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିବ । ଏହି ପୁସ୍ତିକା କ୍ଷେତ୍ରକର୍ମୀ, ସାଧନ ବ୍ୟକ୍ତି ଓ ତାଲିମ୍‌ଦାତାଙ୍କ ପାଇଁ ବିଶେଷ ଉପଯୋଗୀ । ପୁସ୍ତିକାର ବ୍ୟବହାର ବିଧି ସଂପର୍କରେ ପ୍ରାରମ୍ଭରେ ସୂଚନା ଦିଆଯାଇଛି । ପୁସ୍ତିକାର ଉନ୍ନତି ପାଇଁ ଆମେ ଆପଣଙ୍କର ସୁଚିନ୍ତିତ ମତାମତକୁ ସ୍ୱାଗତ କରୁ ।


ଶ୍ରୀଯୁକ୍ତ ବିଦ୍ୟୁତ୍ ମହାନ୍ତି

ସମ୍ପାଦକ

ସ୍ୱେଦ୍,

କୋରାପୁଟ, ଓଡ଼ିଶା

# ସ୍ୱୀକୃତି ପତ୍ର

ପ୍ରିୟା - ଡ଼ି.ଏଫ୍.ଆଇ.ଡ଼ି., ଭୁବନେଶ୍ୱର, ଓଡ଼ିଶାର ଆର୍ଥିକ ସହାୟତାରେ ଏହି ପୁସ୍ତିକା ପ୍ରକାଶନ ସମ୍ଭବ ହୋଇପାରିଛି । ଆମେ ଏହି ସହାୟତା ପାଇଁ ପ୍ରିୟା - ଡ଼ି.ଏଫ୍.ଆଇ.ଡ଼ି.କୁ ଧନ୍ୟବାଦଦେଉଛୁ ।

ଏହି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧୀୟ ଯୋଗାଯୋଗ ପୁସ୍ତିକା "ସ୍ୱେଦ୍"ର କର୍ମକର୍ତ୍ତା, ଆଞ୍ଚଳିକ ଗୋଷ୍ଠୀ, ପରାମର୍ଶଦାତା ତଥା କେତେକ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଅବଦାନ ଦ୍ୱାରା ସମ୍ଭବ ହୋଇପାରିଛି । ଏହି ଅବଦାନ ପାଇଁ ଆମେ ସମସ୍ତଙ୍କୁ ଧନ୍ୟବାଦଦେଉଛୁ ।

ଯୋଗାଯୋଗ ସମ୍ପାଦର କୌଶଳ ତଥା ବିଷୟ ପ୍ରସ୍ତୁତି ସହାୟତା ପାଇଁ ଆମେ ଶ୍ରୀଯୁକ୍ତ ରାମକୃଷ୍ଣ ସୁରଦେଓ ଓ ନାଳିମା ବିଶ୍ୱାଳଙ୍କୁ ଧନ୍ୟବାଦଦେଉଛୁ । ଶ୍ରୀଯୁକ୍ତ ବାବାଜି ଚରଣ ପରିଡ଼ାଙ୍କୁ ସମ୍ପାଦନା ସହାୟତା ପାଇଁ ଧନ୍ୟବାଦଦେଉଛୁ । ରେଖାଚିତ୍ର ସହାୟତା ପାଇଁ ଆମେ ଶ୍ରୀକୃଷ୍ଣ ବିଦ୍ୟାଧର ମହାରଣାଙ୍କୁ ଧନ୍ୟବାଦଦେଉଛୁ ।

ସ୍ୱେଦ୍,
କୋରାପୁଟ, ଓଡ଼ିଶା

# ପୁସ୍ତିକା ସମ୍ବନ୍ଧରେ ପଦେଅଧେ

ପ୍ରତ୍ୟେକ ମଣିଷ ସ୍ୱପ୍ନ ଦେଖେ ଏକ ସୁନ୍ଦର ଜୀବନର... ସୁନ୍ଦର ଘରର । ଯେଉଁଠି ସେ ଓ ତାର ପରିବାର ଦି'ମୁଠା ଖାଇବାକୁ ପାଉଥିବେ । ଆଶ୍ରୟ ନେବା ପାଇଁ ମୁଣ୍ଡ ଉପରେ ଛାତଟିଏ ଥିବ, ଆଉ ନିଜର ଶରୀରକୁ ଆବରଣ କରିବାପାଇଁ ଦୁଇଖଣ୍ଡ ବସ୍ତ୍ର ଥିବ । ଏହା କେବଳ ମଣିଷର ସ୍ୱପ୍ନରେ ସୀମିତ ନୁହେଁ ବରଂ ଆମ ଦେଶର ସମ୍ବିଧାନରେ ପ୍ରତ୍ୟେକ ମଣିଷ ତାର ଏହି ମୌଳିକ ଆବଶ୍ୟକତା ପୂରଣ କରିବାର ଅଧିକାର ରହିଛି ଓ ଏଥି ସମ୍ବନ୍ଧରେ ଆଇନ୍ ସବୁ ଲିପିବଦ୍ଧ ହୋଇ ରହିଛି ।

ତେବେ ପ୍ରଶ୍ନ ଉଠେ ଏତେ ସବୁ ଆଇନ୍ ଥାଇ ମଧ୍ୟ ଏତେ ଅନ୍ୟାୟ କାହିଁକି ? ଖଣି, ଖାଦାନ ଇତ୍ୟାଦି ସମ୍ବଳରେ ଭରପୁର ଆମ ରାଜ୍ୟରେ ୪୭% ଲୋକେ ଗରିବ କାହିଁକି ? ଯେଉଁମାନେ ଦି'ମୁଠା ଖାଇବା ପାଇଁ ପ୍ରତ୍ୟେକ ମୁହୂର୍ତ୍ତରେ ଜୀବନ ସହ ସଂଗ୍ରାମ କରୁଛନ୍ତି । କେତେବେଳେ ଘରେ ଚୂଲୀ ଜଳୁଛି ତ କେତେବେଳେ ନାହିଁ । କେତେବେଳେ କାମମଜୁରୀ ମିଳୁଛି ତ ଅନ୍ୟବେଳେ ନାହିଁ । ନା ଦୁଇଓଳି ଖାଇବାକୁ ଅଛି... ନା ଜମି ଡ଼ିହଟିଏ ଅଛି... ନା ରହିବାକୁ ଘରଟିଏ ଅଛି... ନା ପିନ୍ଧିବାକୁ ଲୁଗା ଅଛି... ।

ତଥାପି ଏତେ ସବୁ "ନାହିଁ" ଭିତରେ ବି କିଛି "ହଁ"ର ଆଲୋକ ରହିଛି । ଏହା ହେଲା ମଣିଷର ଆଶା ଓ ବିଶ୍ୱାସ । ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଏହି ଗରିବ ଲୋକମାନଙ୍କର ସଂଘର୍ଷ ଜାରି ରହିଛି । ଗରିବୀ ହଟାଇବା ତଥା ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ କେବଳ ଗରିବ ଲୋକମାନେ କାହିଁକି, ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଭିନ୍ନ ଲୋକ ସଂଗଠନଗୁଡ଼ିକର ପ୍ରୟାସ ମଧ୍ୟ ସ୍ୱାଗତଯୋଗ୍ୟ ।

ଗରିବ ଲୋକମାନେ କାମ କରି କିପରି ଦୁଇ ଓଳି ଖାଦ୍ୟ ପାଇପାରିବେ ସେଥିପାଇଁ ସରକାର ବିଭିନ୍ନ ଯୋଜନା, ପ୍ରକଳ୍ପମାନ କାର୍ଯ୍ୟକାରୀ କରୁଛନ୍ତି । ସେଥିମଧ୍ୟରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ (NREGA) ଅନ୍ୟତମ । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ୨୦୦୫ ମସିହା ଡ଼ିସେମ୍ବର ମାସ ୫ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ପାର୍ଲିଆମେଣ୍ଟରେ ଗୃହୀତ ହୋଇଥିଲା । ଏହି ଆଇନ୍ ଆମ ରାଜ୍ୟରେ ୨୦୦୬ ମସିହା ଫେବୃୟାରୀ ମାସରେ କାର୍ଯ୍ୟକାରୀ କରାଗଲା । ଏହି ଆଇନର ବିଶେଷତ୍ୱ ହେଲା, ଗୋଟିଏ ପରିବାର ବର୍ଷକୁ ୧୦୦ ଦିନ କାମ ନିଶ୍ଚିତ ଭାବେ ପାଇପାରିବ, ଯାହାକି ତାଙ୍କର ବର୍ତ୍ତମାନର ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ସହାୟ ହୋଇପାରିବ । ଏହି ଆଇନ୍ କାର୍ଯ୍ୟକାରୀ ହେବାର ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତାରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । କେଉଁଠାରେ ଆବେଦନ କରିବାର ଫର୍ମ ନାହିଁ ତ କେଉଁଠି ଲୋକମାନେ ଜବ୍ କାର୍ଡ ପାଇ ପାରୁନାହାନ୍ତି । କେଉଁଠାରେ ଭତ୍ତା ମିଳୁନି ତ କେଉଁଠାରେ କାମ ମିଳୁନି । ଆଉ କେଉଁଠାରେ ଯୋଜନା ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନପାରି ଫେରି ଯାଉଛି ଇତ୍ୟାଦି... । ତେବେ ଏସବୁ ଅସୁବିଧାର ମୂଳ କାରଣ ହେଲା ଲୋକମାନଙ୍କର ସଚେତନତାର ଅଭାବ ।

ଏଣୁ ଲୋକମାନଙ୍କୁ ସଚେତନ କରାଯିବା ସହ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ସଫଳତାର ସହ କାର୍ଯ୍ୟକାରୀ କରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ । NREGA କୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଲୋକ ସଂଗଠନ ଅନୁଷ୍ଠାନ (CBOs) ଠାରୁ ଆରମ୍ଭ କରି ପଞ୍ଚାୟତ ଅନୁଷ୍ଠାନ, ଜିଲ୍ଲା ପରିଷଦ, ପ୍ରଶାସନ ତଥା ରାଜନୈତିକ ସ୍ତରର ବ୍ୟକ୍ତିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଯାହାକି ଏହି ପୁସ୍ତିକାଟିରେ ଉଲ୍ଲେଖ କରାଯାଇଛି ।

ଏହି ପୁସ୍ତିକାଟି ଏକ ଗ୍ରାମ୍ୟସ୍ତରୀୟ ଯୋଗାଯୋଗ ପୁସ୍ତିକା ରୂପେ ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତିକାଟିର ଛବି ତଥା ଲେଖା ସରଳ, ସହଜ ଓ ବୋଧଗମ୍ୟ ହେବା ସହ ଲୋକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଦିଗରେ ସହାୟକ ହୋଇପାରିବା ଉଦ୍ଦେଶ୍ୟରେ ଆମେ ଯଥାସାଧ୍ୟ ଚେଷ୍ଟା କରିଛୁ । ବିଭିନ୍ନ ଅନୁଷ୍ଠାନର କ୍ଷେତ୍ର କର୍ମୀମାନେ ଏହି ପୁସ୍ତିକାଟିକୁ ବ୍ୟବହାର କରି ଲୋକମାନଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରାଇବା ସହ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ସଫଳତାର ସହ କାର୍ଯ୍ୟକାରୀ କରାଇ ପରିବର୍ତ୍ତନ ଆଣିପାରିଲେ ଆମେ ଉତ୍ସାହିତ ହେବୁ ।

# ପୁସ୍ତିକାର ବ୍ୟବହାର ବିଧି

୧. ପୁସ୍ତିକାଟିକୁ ବ୍ୟବହାର କରିବା ପୂର୍ବରୁ ଭଲଭାବରେ ପଢ଼ନ୍ତୁ ।

୨. ଏହାକୁ ଭଲଭାବେ ବୁଝି ନିଶ୍ଚିତ ହୁଅନ୍ତୁ ଯେ, ଆପଣ ପ୍ରତ୍ୟେକ ଚିତ୍ର ଏବଂ ଚିତ୍ର ମାଧ୍ୟମରେ ବୁଝାଯାଇଥିବା ବିଷୟବସ୍ତୁ, ସୂଚନା ତଥା ଧାରଣାକୁ ପ୍ରାଞ୍ଜଳଭାବେ ବୁଝି ପାରିଛନ୍ତି ଏବଂ ଗାଁ ଲୋକଙ୍କୁ ବୁଝେଇ ପାରିବେ ।

୩. ଆପଣ ଦଳ ସହିତ ଅର୍ଦ୍ଧବୃତ୍ତାକାରରେ ବସନ୍ତୁ ।

୪. ଦଳର ଅଂଶଗ୍ରହଣକାରୀ ସଂଖ୍ୟା ୨୦-୨୫ ଜଣ ମଧ୍ୟରେ ହୋଇଥିବା ଦରକାର ।

୫. ପୁସ୍ତିକାର ଚିତ୍ର ଥିବା ପାଖଟିକୁ ଦଳ ପଟକୁ ରଖନ୍ତୁ, ଯେପରି ଦଳର ପ୍ରତ୍ୟେକ ଅଂଶଗ୍ରହଣକାରୀ ଭଲଭାବେ ଦେଖିପାରିବେ ।

୬. ଆପଣ ପୁସ୍ତିକାଟିକୁ ଏପରି ଧରନ୍ତୁ ଯେପରି ଆପଣଙ୍କ ହାତ ଚିତ୍ରଟିକୁ ଘୋଡାଇ ନଦିଏ ।

୭. ଚିତ୍ରପଟଟି ଦଳକୁ ଦେଖାଇବା ବେଳେ ତା'ର ପଛପାଖ ପୃଷ୍ଠାରେ ଲେଖାଯାଇଥିବା ବିଷୟବସ୍ତୁ ପଢ଼ି ଆଲୋଚନା ଆରମ୍ଭ କରନ୍ତୁ ।

୮. ଅଂଶଗ୍ରହଣକାରୀ ମାନଙ୍କୁ ଚିତ୍ରରେ କ'ଣ ଦେଖୁଛନ୍ତି ଏବଂ ସେଥିରୁ ସେମାନେ କ'ଣ ବୁଝୁଛନ୍ତି ବୋଲି ପଚାରନ୍ତୁ ।

୯. ଆଲୋଚନାକୁ ଆଗେଇ ନେବା ପାଇଁ ଚିତ୍ର ପଛପଟେ ଲେଖାଥିବା ବିଶ୍ଳେଷଣାତ୍ମକ ପ୍ରଶ୍ନ ଗୁଡ଼ିକର ସାହାଯ୍ୟ ନେବା ସଂଗେ ସଂଗେ ନିଜ ମନରୁ ମଧ୍ୟ ବିଷୟବସ୍ତୁ ସମ୍ବଳିତ ପ୍ରଶ୍ନ କରି ଅଂଶଗ୍ରହଣକାରୀ ମାନଙ୍କୁ ଆଲୋଚନାରେ ସକ୍ରୀୟ କରାଇ ପାରିବେ ।

୧୦. ସରଳଭାଷାରେ ଦଳକୁ ପ୍ରଶ୍ନ ପଚାରନ୍ତୁ ଏବଂ ଦଳରୁ ଉତ୍ତର ପାଇବା ପାଇଁ ଚେଷ୍ଟା କରି ଆଲୋଚନାକୁ ଆଗେଇ ନିଅନ୍ତୁ ।

୧୧. ଲିଖିତ ପ୍ରଶ୍ନ ଏବଂ ଉତ୍ତରକୁ ଦଳରେ ପଢ଼ି ଦିଅନ୍ତୁ ନାହିଁ । ଏହା କେବଳ ଆପଣଙ୍କ ଜାଣିବା ପାଇଁ ଉଦ୍ଦିଷ୍ଟ ।

୧୨. କୌଣସି ବିଷୟରେ ଦଳ ଯଦି ଉତ୍ତର ଦେବାରେ ଅକ୍ଷମ ହୁଏ, ତେବେ ଆପଣ ସେ ବିଷୟରେ ବୁଝାଇ ଦିଅନ୍ତୁ ।

୧୩. ଆଲୋଚନାକୁ ଜୀବନ୍ତ ଓ ଗତିଶୀଳ କରିବା ପାଇଁ ବିଷୟବସ୍ତୁ ସହ ସାମଞ୍ଜସ୍ୟ ଥିବା ଉଦାହରଣ ଓ ଘଟଣା ନିଜେ ଦଳରେ କହିପାରନ୍ତି । ଯଥାସାଧ୍ୟ ନିକଟସ୍ଥ ଗ୍ରାମଗୁଡ଼ିକରେ ଘଟୁଥିବା ଘଟଣାକୁ ଉଦାହରଣ ରୂପେ ବ୍ୟବହାର କରନ୍ତୁ ।

୧୪. ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଆଲୋଚନାରେ ଭାଗନେବା ପାଇଁ ଉତ୍ସାହିତ କରନ୍ତୁ ।

୧୫. ପୁସ୍ତିକାରେ ଥିବା ବାର୍ତ୍ତା ବା ତଥ୍ୟ ଗୁଡିକ ସହାୟକଙ୍କ ସୂଚନା ପାଇଁ ଥିବା କୋଠରୀରେ ଲେଖାଯାଇଛି । ସେହି ବାର୍ତ୍ତା ଓ ସୂଚନା ଦଳକୁ ଜଣାନ୍ତୁ ।

୧୬. ପରପୃଷ୍ଠାକୁ ଯିବା ପୂର୍ବରୁ ଅଂଶଗ୍ରହଣକାରୀମାନେ କ'ଣ ବୁଝିଲେ ବା ଜାଣିଲେ ତାହା ପଚାରି, ତାର ସାରମର୍ମ ବା ଶିକ୍ଷଣୀୟ ବିଷୟବସ୍ତୁକୁ ଦଳରେ ଉପସ୍ଥାପନ କରନ୍ତୁ ।

୧୭. ଅଂଶଗ୍ରହଣକାରୀମାନେ ଯାହା ବୁଝି ପାରିଲେ, ତାହା କିପରି ନିଜର ଅଭ୍ୟାସରେ ଓ କାର୍ଯ୍ୟରେ ଲଗାଇ ପାରିବେ, ତାହା ପଚାରି, ସେମାନଙ୍କର ମତ ଓ ମନ୍ତବ୍ୟକୁ ଦଳରେ ପୁନର୍ବାର ଦୋହରାନ୍ତୁ ଏବଂ ସେହି ପଦକ୍ଷେପ ଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଆଲୋଚନାକୁ ଆଗକୁ ନିଅନ୍ତୁ ।

# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

### ଚିତ୍ର ନଂ - ୧

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କଣ ଦେଖୁଛ ?
- ଚିତ୍ରର ବାମପଟ ଉପରି ଭାଗରେ ଥିବା ଛବିଟି କଣ ?
- ଏହା କେଉଁଠାରେ ଅଛି ?
- ଏହି ପାର୍ଲିଆମେଣ୍ଟ ଭବନରେ କଣ ହୁଏ ତୁମର ଧାରଣା ଅଛି କି ?
- ଚିତ୍ରର ଡ଼ାହାଣପଟ ତଳ ଭାଗରେ କାହାର ଛବି ଦେଖୁଛ ?
- ଏହା କେଉଁଠାରେ ଅଛି ତୁମେ ଜାଣିଛ କି ?
- ଏହି ବିଧାନସଭା ଗୃହରେ କେଉଁମାନେ ବସନ୍ତି ଓ କଣ କରନ୍ତି ?
- ଚିତ୍ରର ମଝିଭାଗରେ ଥିବା ଛବିଟି କଣ ?
- ଏହି ସମ୍ବିଧାନରେ କଣ ସବୁ ଲେଖା ହୋଇଛି ?
- ଆଇନ୍ ସମ୍ବନ୍ଧରେ ତୁମର ଧାରଣା କଣ ?
- ଏ ଆଇନ୍ ସବୁ କାହିଁକି ରହିଛି ?
- କି କି ଆଇନ୍ ସବୁ ରହିଛି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କେବଳ ଏକ ଯୋଜନା ନା ଏହା ଏକ ଆଇନ୍ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କେବେ ପ୍ରଣୟନ କରାଗଲା ?
- ଏହି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କାର୍ଯ୍ୟକାରୀ ସମୟରେ RTI ଆଇନର ଆବଶ୍ୟକତା ରହିଛି କି ?


## ଯୋଗାଯୋଗ ପାଇଁ ସୂଚନା

### ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ଧାରଣା

**ଶିକ୍ଷଣୀୟ ବିନ୍ଦୁ :**

- ଭାରତବର୍ଷର ଲୋକମାନଙ୍କୁ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ଲାଗି ଆମ ସମ୍ବିଧାନ କେତେକ ସ୍ୱତନ୍ତ୍ର ଅଧିକାର ନିମନ୍ତେ ଆଇନ୍ ପ୍ରଣୟନ କରିଛି । ଯେପରିକି ଯୌତୁକ ନିରୋଧ ଆଇନ୍ ଭରଣପୋଷଣ ଆଇନ୍, ହିନ୍ଦୁ ଉତ୍ତରାଧିକାରୀ ଆଇନ୍, ଶ୍ରମ ଆଇନ୍, ସମାନ ମଜୁରୀ ଆଇନ୍ ଇତ୍ୟାଦି...... ।
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ (National Rural Employment Guarranty Act (NREGA) ଲୋକମାନଙ୍କର ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ପରିଚାଳନାକୁ ବୁଝାଏ । ଏହି ଆଇନ୍ ଲୋକମାନଙ୍କର ମୌଳିକ ଅଧିକାର ତଥା ମର୍ଯ୍ୟାଦାପୂର୍ଣ୍ଣ ଭାବେ ଜୀବନଧାରଣ କରିବାର ଅଧିକାରକୁ ବୁଝାଏ ।
- ଏହି ଆଇନ୍ ଶ୍ରମଭିତ୍ତିକ । କର୍ମନିଯୁକ୍ତିକୁ ଆଇନଗତ ଭାବେ ଗ୍ୟାରେଣ୍ଟି ଦେବା ସହ ଗରିବୀ ଦୂର କରିବା ପାଇଁ ପ୍ରଣୟନ କରାଯାଇଛି ।
- ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ପାର୍ଲିଆମେଣ୍ଟରେ ଗୃହୀତ ହୋଇ ୫ ସେପ୍ଟେମ୍ବର ୨୦୦୫ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା । ଆଇନ୍‌ଟିର କାର୍ଯ୍ୟକାରୀତା ନିମିତ୍ତ ଆମ ରାଜ୍ୟରେ ୨୦୦୬ ମସିହା ଡିସେମ୍ବର ମାସ ୧୫ ତାରିଖରେ ଓଡିଶା ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ରୂପେ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ କରାଯାଇଛି ।
- ଏହି ଆଇନ୍ ୨ ଫେବୃୟାରୀ ୨୦୦୬ ଠାରୁ ସମଗ୍ର ଦେଶର ୨୦୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଗଲା । ଏପ୍ରିଲ୍ - ୨୦୦୭ ଠାରୁ ଏହା ଦେଶର ଆଉ ୧୩୦ ଗୋଟି ଜିଲ୍ଲାକୁ ସଂପ୍ରସାରିତ ହେଲା ଏବଂ ଗତ ଏପ୍ରିଲ୍ - ୨୦୦୮ ରୁ ଦେଶର ସମସ୍ତ ଜିଲ୍ଲାରେ ଏହି ଆଇନ୍ କାର୍ଯ୍ୟକାରୀ କରାଯାଉଅଛି । ଆମ ରାଜ୍ୟ ଓଡ଼ିଶାରେ ଏହି ଆଇନ୍ ପ୍ରଥମ ଦଫାରେ ୧୯ଟି ତଥା ଦ୍ୱିତୀୟ ଦଫାରେ ଆଉ ୫ ଗୋଟି, ଏପରି ମୋଟ୍ ୨୪ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିଲା । ବର୍ତ୍ତମାନ ଏହା ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।
- ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ନିର୍ବାହିତ କାର୍ଯ୍ୟର ତଥ୍ୟ ନିର୍ବାହୀ ସଂସ୍ଥା / କର୍ତ୍ତୃପକ୍ଷ ସ୍ୱତଃପ୍ରବୃତ୍ତି ଭାବେ ପ୍ରକାଶ କରିବେ ଓ RTI Act ଏହି ଯୋଜନା ନିର୍ବାହର ପ୍ରତ୍ୟେକ ସ୍ତରରେ ଲାଗୁ କରାଯିବ ।

# ଚିତ୍ର ନଂ- ୧



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍
## ଚିତ୍ର ନଂ - ୨

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କଣ ଦେଖୁଛ ?
- 'କ' ଚିତ୍ରରେ ଲୋକଟି କ'ଣ ଧରିଛି ଓ କାହିଁକି ଧରିଛି ?
- ଏହିପରି ଆଉ କି କି ଭିନ୍ନକ୍ଷମ ବ୍ୟକ୍ତିମାନେ ଅଛନ୍ତି ?
- 'ଖ' ଚିତ୍ରରେ କାହାର ଛବି ଦେଖୁଛ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ମହିଳାମାନଙ୍କ ପାଇଁ କିଛି ବିଶେଷ ବ୍ୟବସ୍ଥା ରହିଛି କି ?
- 'ଗ' ଚିତ୍ରରେ କଣ ଦେଖୁଛ ?
- ପୁରୁଷ, ମହିଳାମାନେ ନିଜ ଛୁଆପିଲା ଧରି କେଉଁଠି ଅପେକ୍ଷା କରିଛନ୍ତି ?
- ସେମାନେ ସାଙ୍ଗରେ ଜିନିଷପତ୍ର ଧରି କୁଆଡେ ବାହାରିଛନ୍ତି ଓ କାହିଁକି ?
- ସମାଜରେ ଏମିତି ଲୋକମାନଙ୍କୁ କ'ଣ ବୋଲି କୁହାଯାଏ ?
- 'ଘ' ଚିତ୍ରରେ କଣ ଦେଖୁଛ ?
- ଚିତ୍ରରେ ଥିବା ଘରଟିର ଅବସ୍ଥା କିପରି ଅଛି ?
- ଏହିପରି ଭଙ୍ଗାକୁଡ଼ିଆ, ଚାଳଘରେ ରହୁଥିବା ଲୋକମାନଙ୍କର ଆର୍ଥିକ ସ୍ଥିତି କିପରି ?
- ଏହିପରି ପରିବାରକୁ ଚିହ୍ନଟ କରିବା ପାଇଁ ସରକାରଙ୍କର କିଛି ବ୍ୟବସ୍ଥା ଅଛି କି ?
- ତେବେ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ କେଉଁମାନେ ହିତାଧିକାରୀ ଅଟନ୍ତି ।


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ଧାରଣା**

**ଶିକ୍ଷଣୀୟ ବିନ୍ଦୁ :**

- ସରକାର ଏହି ଆଇନ୍ ଗାଁ ଗହଳରେ ବସବାସ କରୁଥିବା ଗରିବ, ଅସହାୟ ଲୋକମାନଙ୍କ ପାଇଁ ପ୍ରଣୟନ କରିଛନ୍ତି ।
- ଏହି ଆଇନ୍ ଗ୍ରାମାଞ୍ଚଳରେ ଥିବା ଅଣକୁଶଳୀ ତଥା ଯେଉଁମାନେ ଶାରୀରିକ ଶ୍ରମ କରିବା ପାଇଁ ଇଚ୍ଛୁକ ଥିବା ଦିନମଜୁରିଆ, ଦାଦନ ଶ୍ରମିକ, ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ।
- ଏହି ଆଇନ୍ ଅନୁଯାୟୀ କର୍ମନିଯୁକ୍ତି ଯୋଗାଇଦେବା କ୍ଷେତ୍ରରେ ମହିଳାମାନଙ୍କୁ ଗୁରୁତ୍ୱଦେବା ସହ ଏକ ତୃତୀୟାଂଶ ହିତାଧିକାରୀ ମହିଳା ରହିବାର ଯୋଜନା ରହିଛି ।

# ଚିତ୍ର ନଂ-୨



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୩

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କଣ ଦେଖୁଛ ?
- 'କ' ଚିତ୍ରରେ ଲୋକମାନେ ହାତରେ ଦରଖାସ୍ତ ଧରି କୁଆଡ଼େ ଯାଉଛନ୍ତି ?
- ସେ ଗଛ ପାଖରେ ଥିବା ଘରଟି କି ଅଫିସ୍ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ଲୋକମାନେ ନିଶ୍ଚିତ କର୍ମନିଯୁକ୍ତି ପାଇଁ କିପରି ଆବେଦନ କରିବେ ?
- 'ଖ' ଚିତ୍ରରେ ଚୌକିରେ ବସିଥିବା ଲୋକ ଜଣକ କିଏ ?
- ଟେବୁଲ୍ ସାମ୍ନାରେ ଛିଡ଼ାହୋଇଥିବା ଲୋକମାନେ କିଏ ?
- ଚୌକିରେ ବସିଥିବା ଅଫିସର୍ ଜଣକ ଛିଡ଼ା ହୋଇଥିବା ଲୋକଟିକୁ କଣ ଦେଉଛନ୍ତି ?
- 'ଗ' ଚିତ୍ରରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ଆବେଦନ କରିବାର କେତେଦିନ ମଧ୍ୟରେ ଜବ୍‌କାର୍ଡ ବା କର୍ମନିଯୁକ୍ତି ପତ୍ର ମିଳିବାର ନିୟମ ରହିଛି ?
- 'ଘ' ଚିତ୍ରରୁ କ'ଣ ବୁଝୁଛ ?
- ତୁମ ଅଞ୍ଚଳରେ ଏପରି ଆଇନ୍ ଅନୁଯାୟୀ କାର୍ଯ୍ୟ ହେଉଛି କି ?
- କାର୍ଯ୍ୟସ୍ଥଳରେ ସୂଚନା ଫଳକ ଅଛି କି ?


## ଯୋଗାଯୋଗ ପାଇଁ ସୂଚନା

### ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର ଗୁରୁତ୍ୱ

**ଶିକ୍ଷଣୀୟ ବିନ୍ଦୁ :**

- ଏହି ଆଇନ୍‌ର ଗୁରୁତ୍ୱ ହେଲା :- ଗ୍ରାମାଞ୍ଚଳରେ ରହୁଥିବା ବ୍ୟକ୍ତିମାନଙ୍କର ସାମାଜିକ ସୁରକ୍ଷା ନିମନ୍ତେ ସେମାନଙ୍କର ରୋଜଗାର ପନ୍ଥା ନିଶ୍ଚିତ କରିବା, ଲୋକମାନଙ୍କର ଜୀବିକାର୍ଜନ ପାଇଁ ଗ୍ରାମାଞ୍ଚଳରେ ସ୍ଥାୟୀ ଗୋଷ୍ଠୀ ସମ୍ବଳ ସୃଷ୍ଟି କରିବା, ଦାଦନ ଶ୍ରମିକମାନେ ନିଜ ଗାଁ / ଭିଟାମାଟିକୁ ଛାଡ଼ି ଦୂର ଜାଗାକୁ ଯିବା ବନ୍ଦ କରିବା, ରାଜନୈତିକ ଓ ଠିକାଦାର ଶୋଷଣରୁ ମୁକ୍ତ କରିବା, ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ବୈଷମ୍ୟ ଦୂର କରିବା, ଗାଁରେ ପୁରୁଷ - ମହିଳା ମଧ୍ୟରେ ଏବଂ ଗ୍ରାମ-ଗ୍ରାମ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଓ ସହଯୋଗିତା ବଢ଼ାଇବା, ଲୋକମାନଙ୍କର ଆଇନ୍‌ଗତ ଅଧିକାର ସମ୍ପର୍କରେ ସୂଚନା ଦେବା ।
- ଏହି ଆଇନ୍ ଅନୁଯାୟୀ ଗୋଟିଏ ପରିବାରର ୧୮ ବର୍ଷରୁ ଅଧିକ ବୟସର ସଦସ୍ୟ / ସଦସ୍ୟାମାନେ ତଥା ଯେଉଁମାନେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ଥିବେ, ସେହିମାନେ ନିର୍ଦ୍ଧାରିତ ଫର୍ମ ଅଥବା ସାଧା କାଗଜର ଦରଖାସ୍ତ ସହ ୩ କିତା ଫଟୋ ଦେଇ ଗ୍ରାମ ପଞ୍ଚାୟତକୁ ଆବେଦନ କରିପାରିବେ, ଏଥିରେ ବିଫଳ ହେଲେ ବି.ଡି.ଓଙ୍କୁ ଦରଖାସ୍ତ ଦେବେ ।
- ଏହି ଆଇନ୍ ଅନୁସାରେ ଗୋଟିଏ ପରିବାର ବର୍ଷକୁ ୧୦୦ ଦିନ କାମ ପାଇପାରିବେ ।
- ଜବ୍‌କାର୍ଡରେ ନାମଥିବା ପ୍ରତ୍ୟେକ ସଦସ୍ୟ ନିର୍ଦ୍ଧାରିତ ଫର୍ମରେ ଅଥବା ସାଧା କାଗଜରେ ଗ୍ରାମ ପଞ୍ଚାୟତରେ କାମ ପାଇବା ପାଇଁ ଆବେଦନ କରିପାରିବେ । ବ୍ଲକ୍ ସ୍ତରରେ ମଧ୍ୟ କାମ ପାଇଁ ଆବେଦନ ପତ୍ର ଦିଆଯାଇପାରିବ । ପଞ୍ଚାୟତ ବ୍ଲକ୍ ତରଫରୁ ଆବେଦନର ପ୍ରାପ୍ତି ସ୍ୱୀକାର ଦିଆଯିବ ଏବଂ ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆଯିବ ।
- ଏହି ଆଇନ୍ ଅନୁସାରେ ପଞ୍ଜିକୃତ ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯିବ ।
- ଏହି ଯୋଜନାରେ ନାମ ପଞ୍ଜିକରଣ କରିଥିବା ବ୍ୟକ୍ତିଙ୍କୁ ନିଜ ଘରଠାରୁ ୫ କି.ମି. ଦୂରତା ମଧ୍ୟରେ କାର୍ଯ୍ୟ ଯୋଗାଇଦେବା ସହ ଅଧିକ ବୟସ୍କ ଲୋକ ଓ ମହିଳାମାନଙ୍କୁ ଗାଁ ପାଖରେ କାମ ଯୋଗାଇଦେବା ଆବଶ୍ୟକ । ଯଦି ୫ କି.ମି.ରୁ ଅଧିକ ଦୂରରେ କାମ କରିବାକୁ ହୁଏ, ସେ ଦୈନିକ ମଜୁରୀର ଶତକଡ଼ା ୧୦ ଭାଗ ଅଧିକ ବାଟଖର୍ଚ୍ଚ ବାବଦରେ ପାଇବାର ନିୟମ ଏହି ଆଇନ୍‌ରେ ରହିଛି ।
- ଏହି ଆଇନ୍ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଆବେଦନ କରିବାର ୧୫ ଦିନ ମଧ୍ୟରେ କାମ ପାଏ ନାହିଁ, ତାହାହେଲେ ସେ ବେରୋଜଗାରୀ ଭତ୍ତା ପାଇବାର ବ୍ୟବସ୍ଥା ରହିଛି ।

# ଚିତ୍ର ନଂ-୩



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୪

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଚିତ୍ରରେ କଣ ଦେଖୁଛ ?
- ଚିତ୍ରର ମଝିରେ ଥିବା ଛବିରୁ କଣ ବୁଝୁଛ ?
- 'କ' ଚିତ୍ରରେ ମାଠିଆ ପାଖରେ ବସିଥିବା ଲୋକଟି କଣ କରୁଛି ?
- ମାଠିଆ ଓ ବାଲ୍ଟିରେ ଲୋକଟି କଣ ରଖୁଛି ଓ କାହିଁକି ?
- 'ଖ' ଚିତ୍ରରେ ଗଛ ତଳେ ଥିବା ଲୋକମାନେ କ'ଣ କରୁଛନ୍ତି ?
- ସେଠାରେ ସ୍ତ୍ରୀ ଲୋକଟି ଛୋଟ ଛୋଟ ଛୁଆମାନଙ୍କୁ ସାଙ୍ଗରେ ଧରି କାହିଁକି ବସିଛି ?
- 'ଗ' ଚିତ୍ରରେ କାମ କରୁଥିବା ଲୋକମାନେ କ'ଣ କରୁଛନ୍ତି ?
- ସେମାନେ ବିଶ୍ରାମ ନେବା ପାଇଁ କି ବ୍ୟବସ୍ଥା ହୋଇଛି ?
- 'ଘ' ଚିତ୍ରରେ ଲୋକଟି କାହିଁକି ଶୋଇଛି ?
- ସ୍ତ୍ରୀ ଲୋକଟି କ'ଣ କରୁଛି ?
- ଠିଆହୋଇଥିବା ଲୋକଟି ସ୍ତ୍ରୀ ଲୋକଟିକୁ କ'ଣ ଦେଉଛି ?
- 'ଙ' ଚିତ୍ରରେ ଥିବା ଛବିଟି କ'ଣ ଜାଣିଛ କି ?
- ଦୁଇ ହାତ ମଝିରେ ଥିବା ଛବିଟି କି ଚିହ୍ନ ?
- ବୀମା ବିଷୟରେ ତୁମର କ'ଣ ଧାରଣା ଅଛି ?
- ଏହି ପାଞ୍ଚୋଟି ଛବି ସହ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର କ'ଣ ସମ୍ପର୍କ ଅଛି ?


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ଶ୍ରମିକମାନଙ୍କ ପାଇଁ ଥିବା ପାଞ୍ଚୋଟି ସୁବିଧା**

**ଶିକ୍ଷଣୀୟ ବିନ୍ଦୁ :**

- ଏହି ଆଇନ୍ ଅନୁସାରେ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟସ୍ଥଳୀ ନିକଟରେ ବିଶୁଦ୍ଧ ପାନୀୟ ଜଳ, ଶ୍ରମିକମାନଙ୍କର ୬ ବର୍ଷରୁ କମ୍ ବୟସର ପିଲାମାନଙ୍କର ରକ୍ଷଣାବେକ୍ଷଣ ବ୍ୟବସ୍ଥା, ଶ୍ରମିକମାନଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା ଜରୁରୀକାଳୀନ ବା ପ୍ରାଥମିକ ଚିକିତ୍ସା ନିମନ୍ତେ ଔଷଧ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା ଓ କାର୍ଯ୍ୟସ୍ଥଳରେ ଦୁର୍ଘଟଣା ବା ମୃତ୍ୟୁ ଘଟିଲେ ବୀମାର ବ୍ୟବସ୍ଥା ଇତ୍ୟାଦି ପାଞ୍ଚଗୋଟି ସୁବିଧା ରହିଛି ।
- ଯେଉଁ ମହିଳା ଶ୍ରମିକମାନଙ୍କର ଛୋଟ ଛୁଆ ଅଛନ୍ତି ସେମାନେ କର୍ମସ୍ଥଳକୁ ନିଜ ଛୁଆମାନଙ୍କୁ ନେଇପାରିବେ । ସେଥିପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥାର ସୁବିଧା ରହିଛି ।
- ଏପରିକି ୬ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ସଂଖ୍ୟା ୫ରୁ ଅଧିକା ହେଲେ, ସେମାନଙ୍କ ଦେଖାଶୁଣା ଓ ଯତ୍ନ ନେବା ପାଇଁ ଜଣେ ମହିଳା ଶ୍ରମିକ ନିଯୁକ୍ତି କରାଯାଇପାରିବ । ଏଥିପାଇଁ ସେହି ମହିଳାଙ୍କୁ ଅନ୍ୟମାନଙ୍କ ଭଳି ପୁରାଦିନର ସର୍ବନିମ୍ନ ଅଣକୁଶଳୀ କାର୍ଯ୍ୟ ପାଇଁ ଧାର୍ଯ୍ୟ ଦୈନିକ ମଜୁରୀ ମିଳିବ ଓ ଅନ୍ୟାନ୍ୟ ସୁବିଧା ଦିଆଯିବାର ବ୍ୟବସ୍ଥା ମଧ୍ୟ ଏହି ଆଇନ୍‌ରେ ରହିଛି ।
- ଯଦି କାର୍ଯ୍ୟସ୍ଥଳରେ କୌଣସି ଶ୍ରମିକ ଆହତ ହୁଅନ୍ତି, ତେବେ ତାଙ୍କ ଚିକିତ୍ସା ଖର୍ଚ୍ଚ କାର୍ଯ୍ୟକାରୀ ସଂସ୍ଥା ବହନ କରିବେ । ଯଦି ଆହତ ଶ୍ରମିକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାର ଆବଶ୍ୟକତା ପଡିବ, ସେପରି ସ୍ଥଳେ ରାଜ୍ୟ ସରକାର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ପାଇଁ ବ୍ୟବସ୍ଥା କରିବେ ଏବଂ ଏଥି ସହ ଜଡିତ ରହଣୀ, ଚିକିତ୍ସା ଓ ଔଷଧ ସମେତ ଏକ ଦୈନିକ ଭତ୍ତା ପ୍ରଦାନ କରିବେ, ଯାହାର ପରିମାଣ ତାଙ୍କର ନିଯୁକ୍ତିକାଳୀନ ମଜୁରୀ ହାରର ଅଧାରୁ କମ୍ ହେବନି ।
- ଯଦି କାର୍ଯ୍ୟସ୍ଥଳରେ କୌଣସି ଶ୍ରମିକର ମୃତ୍ୟୁ ହୁଏ ବା ପଙ୍ଗୁ ହୋଇଯାଆନ୍ତି, ତେବେ କାର୍ଯ୍ୟକାରୀ ସଂସ୍ଥା ତରଫରୁ ଟ ୨୫,୦୦୦/- ଅନୁଦାନ ରାଶି କିମ୍ବା ଏ ବାବଦରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅର୍ଥ ସେମାନଙ୍କ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।
- ଏହାଛଡ଼ା ଶ୍ରମିକମାନେ ଯଦି ଚାହିଁବେ ବୀମା ସୁବିଧା ମଧ୍ୟ କରାଯାଇପାରିବ ।
- ଏହି ସ୍କିମ୍ ଅଧୀନରେ ନିଯୁକ୍ତ ବ୍ୟକ୍ତି ସହିତ ଯଦି ତା'ର ଶିଶୁ ସନ୍ତାନ ଆସିଥାଏ ଏବଂ ସେ ଶିଶୁର ଯଦି ଦୁର୍ଘଟଣା ବଶତଃ କିଛି କ୍ଷତି ଘଟେ, ତେବେ ସେହି ବ୍ୟକ୍ତି ନିଜ ଶିଶୁଟିର ମାଗଣା ଡାକ୍ତରୀ ଚିକିତ୍ସା ପାଇଁ ହକ୍‌ଦାର ହେବ ଏବଂ ଯଦି ଶିଶୁଟି ମରିଯାଏ ତେବେ ମଧ୍ୟ ବ୍ୟକ୍ତି ଜଣଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ମିଳିବ ।

# ଚିତ୍ର ନଂ-୪



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୫

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**


- ଏହି ଚିତ୍ରରେ ତୁମେ କ'ଣ ଦେଖୁଛ ?
- 'କ' ଚିତ୍ରରେ ମୋଟର ସାଇକେଲ୍ ଉପରେ ବସିଥିବା ଲୋକଜଣକ କିଏ ?
- ପୁରୁଷ ଓ ସ୍ତ୍ରୀ ଲୋକ ଦୁଇଜଣ କିଏ ?
- ଠିକାଦାର ଉପରେ ଛକି ଚିହ୍ନ ଦିଆଯିବାର ଅର୍ଥ କଣ ?
- ପୁରୁଷ ଲୋକଟି ଠିକାଦାରକୁ କଣ କହୁଥିବ ବୋଲି ତୁମେ ଭାବୁଛ ?
- ଏହି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ଠିକାଦାରର ଆବଶ୍ୟକତା ଅଛି କି ?
- 'ଖ' ଚିତ୍ରରେ ଯେଉଁ ମେସିନ୍‌ଟି ଅଛି ତାହାର କାମ କଣ ?
- ସେଠାରେ ଲୋକମାନେ କ'ଣ କରୁଛନ୍ତି ?
- ମେସିନ୍ ଉପରେ ଛକି ଚିହ୍ନ ଦିଆଯିବାର ଅର୍ଥ ତୁମେ କଣ ବୁଝୁଛ ?
- 'ଗ' ଚିତ୍ରରେ କ'ଣ ଦେଖୁଛ ?
- ପୁରୁଷ ଓ ସ୍ତ୍ରୀଲୋକ ଦୁଇଜଣ କିଏ ଏବଂ କ'ଣ କରୁଛନ୍ତି ?
- ଚିତ୍ରରେ କେତୋଟି ପତ୍ର ଅଛି ?
- ପଇସା ଉପରେ ଛକ ଚିହ୍ନ ଦିଆଯିବାର ଅର୍ଥ କ'ଣ ?
- ଏହିସବୁ ଛବିରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର କାର୍ଯ୍ୟକାରିତା ଓ ତଦାରଖ ସମ୍ବନ୍ଧରେ ତୁମେ କଣ ବୁଝୁଛ ?

## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର କାର୍ଯ୍ୟକାରିତା ଓ ତଦାରଖ**

- ଏହି ଆଇନ୍ ଅନୁଯାୟୀ ଯୋଜନାର କାର୍ଯ୍ୟ କେବଳ ଗ୍ରାମାଞ୍ଚଳରେ ହିଁ କରାଯିବ ।
- ଏହି ଯୋଜନାରେ ପ୍ରକଳ୍ପ କାର୍ଯ୍ୟକାରୀ କରାଇବା ପାଇଁ କୌଣସି ଠିକାଦାର ନିଯୁକ୍ତି ହୋଇପାରିବେ ନାହିଁ ।
- ଏହି ଯୋଜନା ସଂପୂର୍ଣ୍ଣ ଶ୍ରମଭିତ୍ତିକ ହୋଇଥିବାରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ଯେତେଦୂର ସମ୍ଭବ ମେସିନ୍‌ଦ୍ୱାରା ନ କରାଇ ଶ୍ରମିକମାନଙ୍କ ଦ୍ୱାରା କରାଯିବ । ମାତ୍ର ଯେଉଁଠି ଶାରୀରିକ ଶ୍ରମଦ୍ୱାରା କାର୍ଯ୍ୟକରିବା ସମ୍ଭବପର ନୁହେଁ ସେଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ)ଙ୍କ ଲିଖିତ ଅନୁମତି ନେଇ ମେସିନ୍ ବ୍ୟବହାର କରାଯାଇପାରିବ ।
- ଯଦି ଜଣେ ବ୍ୟକ୍ତି କାର୍ଯ୍ୟନିଯୁକ୍ତି ପତ୍ର ପାଇବାର ୧୫ ଦିନ ମଧ୍ୟରେ କାମରେ ଯୋଗ ନଦିଅନ୍ତି, ତେବେ ସେ ବେରୋଜଗାରୀ ଭତ୍ତା ପାଇବା ପାଇଁ ହକ୍‌ଦାର ହେବେ ନାହିଁ । ('ଗ' ଛବିରେ ପତ୍ର ଗୁଡ଼ିକ ଦିନ ସହ ତୁଳନା କରାଯାଇଛି)
- ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପକୁ ନିୟମିତ ତଦାରଖ କରାଯିବାର ବ୍ୟବସ୍ଥା ରହିଛି ।
- ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର କାର୍ଯ୍ୟକୁ ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇପାରିବ ।

# ଚିତ୍ର ନଂ-୫



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୬

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଚିତ୍ରରେ କଣ ଦେଖୁଛ ?
- 'କ' ଚିତ୍ରରେ ଲୋକମାନେ କି କାମ କରୁଛନ୍ତି ?
- ଆମ ଅଞ୍ଚଳରେ ଲୋକମାନେ ମାଟିକାମରେ ମଜୁରୀ କିପରି ପାଇଥାନ୍ତି ?
- ମାଟି କାମରେ ମଜୁରୀ ମାପ ଅନୁସାରେ ଦିଆଗଲେ ଶ୍ରମିକମାନେ ଉଚିତ୍ ପ୍ରାପ୍ୟ ପାଉଛନ୍ତି କି ?
- 'ଖ' ଚିତ୍ରରେ କେତୋଟି ଗାଁର ଛବି ଅଛି ?
- ଗଛ ଥିବା ଗାଁରେ ଲୋକମାନେ କଣ କରୁଛନ୍ତି ?
- ଗଛ ନଥିବା ଗାଁରେ ପୁରୁଷ ଓ ମହିଳାମାନେ କ'ଣ କରୁଛନ୍ତି ?
- ଏହି ଦୁଇଟି ଛବିରୁ ତୁମେ କ'ଣ ବୁଝୁଛ ?
- 'ଗ' ଚିତ୍ରରେ କ'ଣ ଦେଖୁଛ ?
- ତୁମ ପଞ୍ଚାୟତରେ ଏପରି ଗ୍ରାମସଭା ବସି ସାମାଜିକ ସମୀକ୍ଷା କରାଯାଉଛି କି ?
- ଏହି ବୈଠକରେ କେଉଁମାନେ ଯୋଗ ଦିଅନ୍ତି ?
- ବୈଠକରେ କେଉଁ ବିଷୟରେ ଆଲୋଚନା ହୁଏ ?
- ଛବିରେ ଥିବା ବହିଟି କ'ଣ ? ଏଥିରେ କଣ ସବୁ ଲେଖା ହୋଇଛି ?
- ବୈଠକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଗୁରୁତ୍ୱ ବିଷୟରେ ଆଲୋଚନା ହୁଏ କି ନାହିଁ ?
- ଏହି ସବୁ ଆଲୋଚନାରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କାର୍ଯ୍ୟକାରୀ କରାଇବାରେ ଆମ ଜିଲ୍ଲାର ବାସ୍ତବତା କିପରି ଅଛି, ତ୍ରୁଟି ହେଉଛି କି ? ଏହି ବିଷୟରେ ସ୍ୱଚ୍ଛତା ରକ୍ଷା ହେଉଛି କି ? ଏହା ପାଇଁ କିଏ ଉତ୍ତର ଦାୟୀ ?


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାର ବାସ୍ତବତା ।**

**ଶିକ୍ଷଣୀୟ ବିନ୍ଦୁ :**

- ଆମ ଜିଲ୍ଲାରେ ଗ୍ରାମ୍ୟସ୍ତରରେ ଏହି ଆଇନ୍ ବିଷୟରେ ଅଧିକାଂଶ ଲୋକଙ୍କର ଧାରଣା ନାହିଁ ।
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ନିୟମ ଅନୁସାରେ ମାପ ଅନୁଯାୟୀ ସର୍ବନିମ୍ନ ଅଣକୁଶଳୀ କାମ ପାଇଁ ଧାର୍ଯ୍ୟ ମଜୁରୀଠାରୁ କମ୍ ହେଉଥିବାରୁ ଗାଁ ଲୋକମାନେ ମାପ ଅନୁଯାୟୀ ମଜୁରୀ ନେବାକୁ ଇଚ୍ଛୁକ ନୁହଁନ୍ତି ।
- ଆମ ଜିଲ୍ଲାରେ ଗ୍ରାମ୍ୟ ସ୍ତରରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କାର୍ଯ୍ୟକାରୀ କରାଇବାରେ ବହୁତ ବିଳମ୍ବ ହେଉଛି ।
- କେତେକ ଗାଁରେ ଏ ପର୍ଯ୍ୟନ୍ତ ନାମ ପଞ୍ଜିକରଣ ହୋଇନାହିଁ । ଯାହା ଫଳରେ ଗୋଟିଏ ଗାଁ କାମ ପାଇଲେ ଆଉ ଗୋଟିଏ ଗାଁ କାମ ପାଉ ନାହାନ୍ତି ।
- ପ୍ରକୃତ ହିତାଧିକାରୀ ଚିହ୍ନଟ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ।
- କେତେକ କ୍ଷେତ୍ରରେ ଲୋକ ନିଯୁକ୍ତି ମାଗୁ ନାହାଁନ୍ତି ।
- କେତେକ ଗ୍ରାମରେ ଲୋକମାନେ ଜବ୍ କାର୍ଡ ବା କର୍ମନିଯୁକ୍ତି ପତ୍ର ପାଇ ମଧ୍ୟ କାମ ପାଉ ନାହାନ୍ତି ।
- ଆହୁରି ମଧ୍ୟ ପଞ୍ଚାୟତ ବୈଠକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ ଗୁରୁତ୍ୱ ଦିଆଯାଉନାହିଁ ।
- ଏପରିକି ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆମ ଅଞ୍ଚଳର ଜନପ୍ରତିନିଧିମାନେ ସଂପୂର୍ଣ୍ଣ ଅବଗତ ନୁହଁନ୍ତି ।
- ଆଇନ୍ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟର ସାମାଜିକ ସମୀକ୍ଷା ଗ୍ରାମସଭା ଦ୍ୱାରା କରାଯିବ ।

# ଚିତ୍ର ନଂ-୬



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୭

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଚିତ୍ରରେ କ'ଣ ଦେଖୁଛ ?
- 'କ' ଚିତ୍ରରେ ଲୋକଟି ଶାରୀରିକ ସ୍ତରରେ ସକ୍ଷମ କି ?
- ଚିତ୍ରରେ ଖାଲି ଆଳି, ଗ୍ଲାସ ପଡ଼ିଥିବା ଛବିରୁ ତୁମେ କ'ଣ ବୁଝୁଛ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଆମ ଅଞ୍ଚଳର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରତି ଦୃଷ୍ଟି ଦିଆଯାଉଛି କି ?
- 'ଖ' ଚିତ୍ରରେ ବସିଥିବା ଲୋକଟି ସାମ୍ନାରେ କ'ଣ ଅଛି ?
- ଏହି କମ୍ପ୍ୟୁଟର ତୁମେ ଦେଖିଛ କି ? ଏଥିରେ କ'ଣ ହୁଏ ?
- ଚିତ୍ରରେ ଛିଡ଼ା ହୋଇଥିବା ପୁରୁଷ ଓ ମହିଳା ଦୁଇ ଜଣ କିଏ ?
- କମ୍ପ୍ୟୁଟର ପାଖରେ ବସିଥିବା ଲୋକଜଣକ ଠିଆ ହୋଇଥିବା ଲୋକ ଦୁଇଜଣଙ୍କୁ କ'ଣ କହୁଛି ?
- 'ଗ' ଚିତ୍ରରେ ଠିଆ ହୋଇଥିବା ଲୋକମାନେ ହାତରେ କଣ ଧରିଛନ୍ତି ?
- ଚୌକିରେ ବସିଥିବା ଲୋକଜଣକ କିଏ ?
- ଲୋକମାନଙ୍କର ଆବେଦନ ଦରଖାସ୍ତକୁ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ କଣ କହୁଛନ୍ତି ?
- 'ଘ' ଚିତ୍ରରେ କଣ ଦେଖୁଛ ?
- ପ୍ୟାଣ୍ଟ ସାର୍ଟ ପିନ୍ଧା ଲୋକଜଣକ ଶ୍ରମିକମାନଙ୍କୁ କଣ କହୁଛନ୍ତି ?
- ଏହି ସବୁ ଆଲୋଚନାରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କାର୍ଯ୍ୟକାରୀ କରାଇବାରେ ଆମ ଜିଲ୍ଲାର ବାସ୍ତବତା ବୁଝି ହେଉଛି କି ? ଏହି ବିଷୟରେ ତୁମର ଅଧିକା ତଥ୍ୟ ଅଛି କି ?


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାର ବାସ୍ତବତା ।**

**ଶିକ୍ଷଣୀୟ ବିନ୍ଦୁ :**

- ଜିଲ୍ଲାରେ ଗ୍ରାମୀଣ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅବହେଳା କରାଯାଉଛି । ସେମାନଙ୍କୁ କାମ ମିଳୁନାହିଁ ।
- ଲୋକମାନଙ୍କର ଆବେଦନ ଫର୍ମ ବା ଦରଖାସ୍ତ ପ୍ରତି ସ୍ୱୀକୃତି ଦିଆଯାଉନାହିଁ ।
- ଗୋଷ୍ଠୀ ଉନ୍ନୟନ ଅଫିସର କର୍ମଚାରୀ ଦରଖାସ୍ତ ଆବେଦନକାରୀଙ୍କୁ 'ତୁମର ଦରଖାସ୍ତ ଫର୍ମ ଆମ କମ୍ପ୍ୟୁଟର ମେସିନ୍‌ରେ ନାହିଁ' ବୋଲି କହୁଛନ୍ତି ।
- ଏପରିକି ଜବ୍ କାର୍ଡ ନାହିଁ ସରିଯାଇଛି, ଆସିଲେ ଦେବୁ ବୋଲି କହିବାକୁ ପଛାଉନାହାନ୍ତି ।
- ପଞ୍ଚାୟତ ସ୍ତରରେ କେତେଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ନେଇ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।
- ସାପ୍ତାହିକ ମଜୁରୀ ବଣ୍ଟନରେ ଅନିୟମିତତା ଦେଖାଦେଉଛି ।
- ଜବ୍ କାର୍ଡ ଥାଇ ମଧ୍ୟ କାମ ନ ମିଳିଲେ ନିୟମ ଅନୁସାରେ ବେରୋଜଗାରୀ ଭତ୍ତା ଲୋକମାନେ ପାଉନାହାନ୍ତି ।
- ତେଣୁ ଜିଲ୍ଲାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସଫଳତାର ସହ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ ।

# ଚିତ୍ର ନଂ-୭



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୮

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ ତୁମେ କ'ଣ ଦେଖୁଛ ?
- 'କ' ଚିତ୍ରରେ କେଉଁ ଅଫିସ୍ ଦେଖୁଛ ?
- ସେଠାରେ ବସିଥିବା ଦୁଇଜଣ ବ୍ୟକ୍ତି କିଏ ?
- ସେମାନେ ଦୁହେଁ ପରସ୍ପର ଆଡ଼କୁ ହାତ ବଢ଼ାଇବାର ଅର୍ଥ ଆମେ କ'ଣ ବୁଝୁଛୁ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ହେଲେ ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ମଧ୍ୟରେ କି ମନୋଭାବ ରହିବା ଦରକାର ?
- 'ଖ' ଚିତ୍ରରେ ଲୋକମାନେ ବସି କଣ କରୁଛନ୍ତି ?
- କେଉଁମାନଙ୍କ ଉପସ୍ଥିତିରେ ମିଟିଙ୍ଗ୍ ହେଉଛି ଏବଂ ୱାର୍ଡମେମ୍ବର ଓ ଗ୍ରାମବାସୀ ଲୋକମାନଙ୍କୁ କଣ ବୁଝାଉଛନ୍ତି ?
- 'ଗ' ଚିତ୍ରରେ ଲୋକମାନେ କି କାର୍ଡ ନେଉଛନ୍ତି ?
- ଜବ୍ କାର୍ଡ କେଉଁ ପରିବାରକୁ ମିଳିପାରିବ ?
- ଜବ୍ କାର୍ଡ କେଉଁଠାରୁ ମିଳିପାରିବ ?
- 'ଘ' ଚିତ୍ରରେ ବସିଥିବା ଲୋକଜଣକ ପୁରୁଷ ଓ ମହିଳା ଦୁଇଜଣଙ୍କୁ କ'ଣ ଦେଉଛନ୍ତି ଓ ପ୍ରତ୍ୟେକଙ୍କୁ କେତୋଟି ନୋଟ ଦେଉଛନ୍ତି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅନୁଯାୟୀ ପୁରୁଷ ଓ ମହିଳା ଉଭୟ କେତେ ମଜୁରୀ ପାଇବା ଉଚିତ୍ ?
- ମଜୁରୀ ପାଇବାକୁ ନେଇ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ଆଉ କିଛି ନିୟମ ରହିଛି କି ?
- ତେଣୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବାରେ ପଞ୍ଚାୟତ ଅନୁଷ୍ଠାନର ଭୂମିକା କଣ ସବୁ ରହିଛି ?

## ଯୋଗାଯୋଗ ପାଇଁ ସୂଚନା


### ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ପଞ୍ଚାୟତ ଅନୁଷ୍ଠାନର ଭୂମିକା ।

**ଶିକ୍ଷଣୀୟ ବିନ୍ଦୁ :**

- ସରପଞ୍ଚ ଓ ୱାର୍ଡମେମ୍ବର ଉଭୟ ସହଯୋଗର ହାତ ବଢ଼ାଇବା ଦରକାର ।
- ସରପଞ୍ଚ ଓ ୱାର୍ଡମେମ୍ବର ପଲ୍ଲୀସଭା ବା ଗ୍ରାମ ସଭାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ଆଲୋଚନା କରିବା ସହ ଏହି ଯୋଜନାର ଅଗ୍ରଗତି ବିବରଣୀ ଜଣାଇବା ଦରକାର ।
- ପ୍ରକୃତ ହିତାଧିକାରୀ ଚିହ୍ନଟ ଓ ପଞ୍ଜିକୃତ କରି ଗ୍ରାମବାସୀଙ୍କ ଉପସ୍ଥିତିରେ ଜବକାର୍ଡ ବଣ୍ଟନ କରିବା ଆବଶ୍ୟକ ।
- ପ୍ରତ୍ୟେକ ପରିବାରର ସାବାଳକଙ୍କୁ ବାର୍ଷିକ ୧୦୦ ଦିନର କାର୍ଯ୍ୟ ଯୋଗାଣ ତଥା ଦୈନିକ ୭ ଘଣ୍ଟା କାମ କଲେ ଟ ୭୦ ଙ୍କା ( ୨୦୦୭ଠାରୁ ଓଡ଼ିଶାରେ ଲାଗୁ ହୋଇଥିବା) ମଜୁରୀ ଦିଆଯିବ ।
- ପୁରୁଷ ଓ ମହିଳା ଉଭୟ ସମାନ ମଜୁରୀ ପାଇଲେ କି ନାହିଁ ପଞ୍ଚାୟତ ତଦାରଖ କରିବା ଦରକାର ।
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ପରିବର୍ତ୍ତିତ ନିୟମ ଡିସେମ୍ବର ମାସ ୨୦୦୬ ଅନୁଯାୟୀ, ଦୁଇ ପ୍ରକାର ମାଟିକାମ ପାଇଁ ନିମ୍ନମତେ ବର୍ଦ୍ଧିତ ମଜୁରୀ ପ୍ରଦାନ କରିବା ଆବଶ୍ୟକ ।

  ଡୋଲା ପାଇଁ ୧୦' × ୧୦' × ୧' = ୧୦୦ sft. (୨.୮୩ cum) ସାଧାରଣ ମାଟି ଖୋଳିଲେ ଟ ୧୦୦.୦୦ଙ୍କା, ଟାଣ ମାଟି ଖୋଳିଲେ ଟ ୧୩୫.୦୦ଙ୍କା ଓ ପଥୁରିଆ ମାଟି ଖୋଳିଲେ ଟ ୨୧୦.୦୦ ହିସାବରେ ମଜୁରୀ ପାଇବା ପାଇଁ ହକଦାର ।
- ଆହୁରି ମଧ୍ୟ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅନୁଯାୟୀ ସପ୍ତାହରେ ଅତି କମ୍‌ରେ ଥରେ ଶ୍ରମିକମାନଙ୍କୁ ମଜୁରୀ ଦିଆଯିବା ଆବଶ୍ୟକ ମାତ୍ର କୌଣସି ପରିସ୍ଥିତିରେ ଏହା ୧୫ ଦିନରୁ ଅଧିକ ହେବ ନାହିଁ । ଯଦି ମଜୁରୀ ପ୍ରଦାନରେ ୧୫ ଦିନରୁ ବିଳମ୍ବ ଘଟେ ତେବେ ୧୯୩୬ ମଜୁରୀ ଆଇନ୍‌ରେ ଥିବା ମଜୁରୀ କ୍ଷତିପୂରଣ ପାଇବା ପାଇଁ ହକଦାର ହେବେ ।
- ଶ୍ରମିକମାନେ କାର୍ଯ୍ୟସମୟରେ ବ୍ୟବହାର କରୁଥିବା ଝୁଡ଼ି, କୋଦାଳ ଆଦି ସାମଗ୍ରୀ ପାଇଁ ମଧ୍ୟ ଅର୍ଥ ପ୍ରଦାନ କରାଯିବ ଅଥବା ପଞ୍ଚାୟତ ତରଫରୁ ସାମଗ୍ରୀ ଗୁଡ଼ିକ ଯୋଗାଇ ଦିଆଯିବ ।
- ସର୍ବସାଧାରଣ ଦେଖିବା ପାଇଁ ମଷ୍ଟର ରୋଲର ଏକ ନକଲ ପଞ୍ଚାୟତ କାର୍ଯ୍ୟାଳୟରେ ରହିବ ।
- ପଞ୍ଚାୟତ ଓ ହିତାଧିକାରୀଙ୍କ ମଧ୍ୟରେ ସଂଯୋଜନା ଓ ସମନ୍ୱୟ ରହିବା ସହ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବା ପଞ୍ଚାୟତର ଅନ୍ୟତମ ଭୂମିକା ।

# ଚିତ୍ର ନଂ-୮



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୯

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- 'କ' ଚିତ୍ରରେ ତୁମେ କଣ ଦେଖୁଛ ?
- ଚିତ୍ରରେ ମହିଳା ସରପଞ୍ଚ, ୱାର୍ଡମେମ୍ବର ଓ ଗ୍ରାମସାଥୀ ଲୋକଙ୍କୁ କ'ଣ ବୁଝାଉଛନ୍ତି ?
- ସେମାନେ କି ସଭା କରୁଛନ୍ତି ?
- ପଞ୍ଚାୟତ ବୈଠକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହେବା ଆବଶ୍ୟକ କି ?
- ଚିତ୍ରରେ ତୀର ଚିହ୍ନ ଦିଆଯାଇଥିବା ଛବିଗୁଡ଼ିକ କ'ଣ କ'ଣ ?
- ପଞ୍ଚାୟତ ବୈଠକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ଓ ଆବେଦନ ଫର୍ମ, ଜବ୍‌କାର୍ଡ, ମଜୁରୀ ଓ ଭତ୍ତା ଇତ୍ୟାଦି ବିଷୟରେ ଆଲୋଚନା କରାଯିବା ଦରକାର କି ?
- 'ଖ' ଚିତ୍ରର ଉପରିଭାଗରେ ଲୋକମାନେ କ'ଣ କରୁଛନ୍ତି ?
- ଠିଆ ହୋଇ କଥାବାର୍ତ୍ତା କରୁଥିବା ଲୋକ ଦୁଇଜଣ କିଏ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର କଣ ଦାୟିତ୍ୱ ରହିଛି ?
- 'ଗ' ଚତ୍ରରେ ତୁମେ କ'ଣ ଦେଖୁଛ ?
- ଗ୍ରାମ ରୋଜଗାର ସେବକଙ୍କ ଦାୟିତ୍ୱ କ'ଣ ?


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ପଞ୍ଚାୟତ ଅନୁଷ୍ଠାନର ଭୂମିକା ।**

**ଶିକ୍ଷଣୀୟ ବିନ୍ଦୁ :**

- ପଞ୍ଚାୟତ ସ୍ତରୀୟ ନିର୍ଦ୍ଧାରିତ ମାସିକ ବୈଠକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।
  - ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସୂଚନା ଦେବା ।
  - ଯୋଜନା ପ୍ରସ୍ତୁତ କରି ହିତାଧିକାରୀ ଚିହ୍ନଟ କରିବା ।
  - ଆବେଦନ କରିବାକୁ ଚାହୁଁଥିବା ଲୋକମାନଙ୍କୁ ଫର୍ମ ଯୋଗାଇଦେବା ।
  - ଜବ୍ କାର୍ଡ ବଣ୍ଟନ ଓ କାର୍ଯ୍ୟ ବଣ୍ଟନକୁ ନିଶ୍ଚିତ କରାଇବା ।
  - ନିୟମିତ ମଜୁରୀ ଓ ଭତ୍ତା ପ୍ରଦାନ କରିବା
- ଓଡ଼ିଶା ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏବଂ ପ୍ରତ୍ୟେକ ଗ୍ରାମରେ ନୂତନ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଆଯାଉଛି । ଯେଉଁମାନେ ଗ୍ରାମ ଏବଂ ପଞ୍ଚାୟତ ସ୍ତରରେ ଆଇନକୁ କାର୍ଯ୍ୟକାରୀ କରାଇବାରେ ସାହାଯ୍ୟ କରିବେ ।
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଜଣେ 'ଗ୍ରାମ ରୋଜଗାର ସେବକ' GRS ରହିବେ । ତାଙ୍କୁ ସରକାରଙ୍କ ତରଫରୁ ମାସିକ ୨୦୦୦ ଟଙ୍କା ଭତ୍ତା ଆକାରରେ ଦିଆଯିବ ଏବଂ ସେ ପଞ୍ଚାୟତରେ ଏହି ଯୋଜନାର ସମସ୍ତ କାଗଜପତ୍ର ଲେଖିବା ତଥା କାର୍ଯ୍ୟଗୁଡ଼ିକୁ ତଦାରଖ ଏବଂ ଏଥି ସମ୍ବନ୍ଧିତ ସାଧାରଣ ସମସ୍ୟାକୁ ସମାଧାନ କରିବେ ।
- କାର୍ଯ୍ୟ ମାଗିବାର ଅଥବା କାର୍ଯ୍ୟ ଚାହୁଁଥିବା ଦିନର ପନ୍ଦର ଦିନ ମଧ୍ୟରେ କାର୍ଯ୍ୟ ପ୍ରଦାନ କରାନଗଲେ, ଶ୍ରମିକ ଜଣକ ବେରୋଜଗାରୀ ଭତ୍ତା ପାଇବା ପାଇଁ ହକ୍‌ଦାର ହେବେ ।
- ବେରୋଜଗାରୀ ଭତ୍ତା ପ୍ରଦାନର ଦାୟିତ୍ୱ ବ୍ଲକ୍ ସ୍ତରରେ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ / ବି.ଡ଼ି.ଓ.ଙ୍କର ରହିବ ଏବଂ ଏହା ଗ୍ରାମ ପଞ୍ଚାୟତରେ ସାପ୍ତାହିକ ଭାବେ ବିତରଣ କରାଯିବ ।
- ଆଇନ୍ ଅନୁଯାୟୀ କାମ ନପାଇଥିବା ପ୍ରଥମ ଏକମାସ ପର୍ଯ୍ୟନ୍ତ, ବେରୋଜଗାରୀ ଭତ୍ତା ଦୈନିକ ମଜୁରୀର ଏକ ଚତୁର୍ଥାଂଶ ଏବଂ ପରବର୍ତ୍ତୀ ସମୟ ପାଇଁ ଦୈନିକ ମଜୁରୀର ଅଧା ଆକାରରେ ପ୍ରଦାନ କରାଯିବ ।

# ଚିତ୍ର ନଂ-୯


କ
• ମହିଳା ସରପଞ୍ଚ
• ୱାର୍ଡ ମେମ୍ବର
• ଗ୍ରାମ ସାଥୀ
ଆବେଦନ ପତ୍ର
ଜବ୍‌କାର୍ଡ଼
ମଜୁରୀ
ଭତ୍ତା
ଖ
ଗ୍ରାମ ରୋଜଗାର ସେବକ
ଗ

# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍
## ଚିତ୍ର ନଂ - ୧୦

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କ'ଣ ଦେଖୁଛ ?
- ଚିତ୍ରରେ ଲୋକମାନେ ଟେବୁଲ୍ ଚାରିପଟେ ବସି କ'ଣ କରୁଛନ୍ତି ?
- ଏହା କି ସଭା ?
- ଏହି ଜିଲ୍ଲାପରିଷଦସଭା କେଉଁମାନଙ୍କୁ ନେଇ ପରିଚାଳନା କରାଯାଏ ?
- ଚିତ୍ରର ଉପରିଭାଗରେ ଥିବା ଛବିରେ ଲୋକମାନେ ଫାଉଡା, ଟୋକେଇ ଧରି କ'ଣ କରୁଛନ୍ତି ?
- ଏହି ସଭାରେ କେଉଁ ବିଷୟରେ ଆଲୋଚନା କରାଯାଉଛି ବୋଲି ତୁମେ ଭାବୁଛ ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ପରିଷଦର କ'ଣ ଭୂମିକା ରହିଛି ?

## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାପରିଷଦର ଭୂମିକା ।**

**ଶିକ୍ଷଣୀୟ ବିନ୍ଦୁ :**

- ଜିଲ୍ଲା ସ୍ତରୀୟ ଯୋଜନା ପ୍ରସ୍ତୁତ କରିବା ଜିଲ୍ଲାପରିଷଦର ଏକ ଭୂମିକା ।
- ଜିଲ୍ଲାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ଅଗ୍ରଗତି ସମୀକ୍ଷା କରି ଉପଯୁକ୍ତ ପରାମର୍ଶ ଦେଇ ସହଯୋଗ କରିବା ଜିଲ୍ଲାପରିଷଦର ଆଉ ଏକ ଭୂମିକା ।
- ଅବହେଳିତ ପଞ୍ଚାୟତଗୁଡ଼ିକୁ ଧ୍ୟାନ ଦେବା ସହ ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଗୁରୁତ୍ୱ ଦେବା ଜିଲ୍ଲାପରିଷଦର ଅନନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ।
- ଜିଲ୍ଲା ପରିଷଦବ୍ୟତୀତ ଦାୟିତ୍ୱରେ ଥିବା ଅଧିକାରୀମାନେ -

ଜିଲ୍ଲା ସ୍ତରରେ -

- ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଜିଲ୍ଲାପାଳ)
- ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ,

ବ୍ଲକ୍ ସ୍ତରରେ -

- ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ


ପଞ୍ଚାୟତ ସ୍ତରରେ -

- ସରପଞ୍ଚ
- କାର୍ଯ୍ୟ ନିର୍ବାହୀ ଅଧିକାରୀ
- ଗ୍ରାମ ରୋଜଗାର ସେବକ

ଗ୍ରାମ ସ୍ତରରେ -

- ୱାର୍ଡ ମେମ୍ବର
- ଗାଁ ସାଥି

# ଚିତ୍ର ନଂ-୧୦



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

## ଚିତ୍ର ନଂ - ୧୧

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଚିତ୍ରରେ ତୁମେ କ'ଣ ଦେଖୁଛ ?
- 'କ' ଚିତ୍ରରେ ଟେବିଲରେ ବସିଥିବା ଅଫିସର୍ ଜଣକ କିଏ ?
- ଗାଁ / ପଞ୍ଚାୟତର ସୁବିଧା ଅସୁବିଧା ବୁଝିବା ପାଇଁ ବ୍ଲକ୍ ସ୍ତରରେ କେଉଁ ଅଧିକାରୀ ରହିଛନ୍ତି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ)ଙ୍କର କଣ ଭୂମିକା ରହିଛି ?
- 'ଖ' ଚିତ୍ରରେ ଜିପ୍ ଗାଡ଼ିରେ ଆସିଥିବା ଅଫିସର ଜଣକ କିଏ ?
- ଛବିରେ ପୁରୁଷ ଓ ମହିଳାମାନେ କ'ଣ କରୁଛନ୍ତି ?
- ପ୍ରକଳ୍ପ ଅଧିକାରୀ, ଡ଼ି.ଆର୍.ଡ଼ି.ଏ. କେଉଁ ବିଷୟରେ ପଚାରି ବୁଝୁଛନ୍ତି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବାରେ ପ୍ରକଳ୍ପ ଅଧିକାରୀ, ଡ଼ି.ଆର୍.ଡ଼ି.ଏ.ଙ୍କର କି ଭୂମିକା ଅଛି ?
- 'ଗ' ଛବିରେ ଥିବା କାର୍ଯ୍ୟାଳୟଟି କି ଅଫିସ୍ ?
- ସମୁଦାୟ ଜିଲ୍ଲାର ସୁବିଧା / ଅସୁବିଧା ବୁଝିବା ପାଇଁ କେଉଁ ଅଫିସର୍ ରହିଛନ୍ତି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାପାଳଙ୍କର କଣ ଭୂମିକା ରହିଛି ?


## ଯୋଗାଯୋଗ ପାଇଁ ସୂଚନା

### ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନର ଭୂମିକା ।

**ଶିକ୍ଷଣୀୟ ବିନ୍ଦୁ :**

- ବ୍ଲକ୍ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନାମ ପଞ୍ଜିକରଣ, ଜବ୍ କାର୍ଡର ତାଲିକା ସଂଗ୍ରହ କରିବା ଓ ସଠିକ୍ ହିତାଧିକାରୀ ଚିହ୍ନଟୀକରଣ ହୋଇଛି କି ନାହିଁ ତଦାରଖ କରିବା ଆବଶ୍ୟକ । ଏତଦ୍ ବ୍ୟତୀତ ନିମ୍ନଲିଖିତ ଦାୟିତ୍ୱ ରହିବ । ଯଥା -
  - ପ୍ରତି ଗ୍ରାମ ପଞ୍ଚାୟତରେ ଆବେଦନ ପତ୍ରର ୧୫ଦିନ ମଧ୍ୟରେ କାମ ଦିଆଯାଇଛି କି ନାହିଁ
  - ପଞ୍ଚାୟତ ସ୍ତରରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ସାଧାରଣ ବୈଠକ ଡ଼କାଇ ଆଲୋଚନା କରିବା
  - ମଷ୍ଟର ରୋଲ୍ ସଠିକ୍ ଲିପିବଦ୍ଧ କରିବା
  - ଗ୍ରାମ୍ୟସ୍ତରୀୟ ବୈଠକ ଓ କାର୍ଯ୍ୟର ସଠିକ୍ ବିବରଣୀ ସଂଗ୍ରହ କରିବା
  - ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ନୀତି ନିୟମ ଅନୁଯାୟୀ କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରିବା
  - ବ୍ଲକ୍ ସ୍ତରର ଅଭିଯୋଗ ପଞ୍ଜିକରଣ ଖାତା ରଖିବା
  - ଗ୍ରାମ୍ୟ ସ୍ତରୀୟ ଆପତ୍ତି ଅଭିଯୋଗକୁ ସମାଧାନ ନିମନ୍ତେ ଗୁରୁତ୍ୱ ଦେବା
  - ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟର ଅଟକଳ ଲୋକମାନେ ଯେପରି ଜାଣିପାରିବେ ସେଥିପାଇଁ ଧ୍ୟାନ ଦେବା ଓ ସାମାଜିକ ସମସ୍ୟା ପ୍ରତି ଦୃଷ୍ଟି ଦେବା ମଧ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
- ଗ୍ରାମ୍ୟସ୍ତରରେ ଚାଲିଥିବା ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମ ନିୟମାନୁଯାୟୀ ହେଉଛି କି ନାହିଁ ବିଭିନ୍ନ ମାଧ୍ୟମରେ ସୂଚନା ସଂଗ୍ରହ କରି ବା ଗ୍ରାମ୍ୟ ପରିଦର୍ଶନ କରି ତଦାରଖ କରିବାରେ ପ୍ରକଳ୍ପ ଅଧିକାରୀ, ଡ଼ି.ଆର୍.ଡ଼ି.ଏଙ୍କର ଭୂମିକା ମଧ୍ୟ ରହିଛି ।
- ସେହିପରି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ପ୍ରଶାସନର ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଡ଼ି.ଆର୍.ଡ଼ି.ଏ. ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେମିତିକି ଗାଁଠାରୁ ବ୍ଲକ୍ ପର୍ଯ୍ୟନ୍ତ ସମସ୍ତ କାମ ନିୟମାନୁଯାୟୀ ହେଉଛି କି ନାହିଁ ତଦନ୍ତ କରିବା, ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟଜନିତ ଅଭିଯୋଗ ଉପରେ ଉଚିତ୍ ପଦକ୍ଷେପ ନେବା, ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ସୂଚନା ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପରାମର୍ଶ ଦେବା ଇତ୍ୟାଦି ।

# ଚିତ୍ର ନଂ-୧୧



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍
## ଚିତ୍ର ନଂ - ୧୨

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କଣ ଦେଖୁଛ ?
- 'କ' ଛବିରେ ମହିଳାମାନେ ବସି କଣ କରୁଛନ୍ତି ?
- ଏପରି ତୁମ ଅଞ୍ଚଳରେ ମହିଳାମାନଙ୍କର କିଛି ଦଳ ଅଛି କି ?
- ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ କାହିଁକି ରହିଛି ?
- 'ଖ' ଛବିରେ ମହିଳା ଓ ପୁରୁଷମାନେ ଏକାଠି ବସି କଣ କରୁଛନ୍ତି ?
- ଗାଁ ବା ପଞ୍ଚାୟତରେ ଏପରି ସଂଗଠନ ଅଛି କି ?
- ଏହି ସଂଗଠନର କାମ କଣ ?
- ତୁମ ଅଞ୍ଚଳରେ ଏହି ଦୁଇଟି ସଂଗଠନକୁ ଛାଡ଼ି ଆଉ କିଛି ସଂଗଠନ ଅଛି କି ?
- ସେହି ସଂଗଠନ ଗୁଡ଼ିକର କାମ କଣ ?
- 'ଗ' ଛବିରେ ମହିଳା ଓ ପୁରୁଷମାନେ ଦରଖାସ୍ତ ଧରି କେଉଁ କାର୍ଯ୍ୟାଳୟକୁ ଯାଉଛନ୍ତି ?
- ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ କାହିଁକି ଯାଉଛନ୍ତି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଲୋକ ସଂଗଠନ ଗୁଡ଼ିକର କି ଭୂମିକା ରହିଛି ।


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଜନିତ କାର୍ଯ୍ୟକ୍ରମରେ ଲୋକସଂଗଠନର ଭୂମିକା**

**ଶିକ୍ଷଣୀୟ ବିନ୍ଦୁ :**

- ତୁମ ଅଞ୍ଚଳରେ ଥିବା ଗ୍ରାମ୍ୟ ସ୍ତରୀୟ ଲୋକ ସଂଗଠନ ଗୁଡ଼ିକ ହେଲା ମହିଳା ସ୍ୱୟଂ ସହାୟକ ଦଳ, ଗ୍ରାମ୍ୟ ଉନ୍ନୟନ କମିଟି, ପଞ୍ଚାୟତ ଉନ୍ନୟନ କମିଟି, କୃଷକ ସଂଘ, ଯୁବକ ସଂଘ ।
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌କୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ନିମ୍ନଲିଖିତ ବିଷୟଗୁଡ଼ିକ ଦିଗରେ ଲୋକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
  - ପଲ୍ଲୀସଭା, ଗ୍ରାମସଭା ତଥା ପଞ୍ଚାୟତ ବୈଠକରେ ଯୋଗଦେଇ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧରେ ସୂଚନା ପଚାରି ବୁଝିବା ।
  - ଗ୍ରାମ୍ୟସ୍ତରରେ ଥିବା ଦିନ ମଜୁରିଆ, ଦାଦନ ଶ୍ରମିକମାନଙ୍କୁ ଏହି ଯୋଜନା ଉପରେ ସମସ୍ତ ତଥ୍ୟ ଓ ସୂଚନା ଦେବା ।
  - ଗ୍ରାମ୍ୟ ସମୂହର ସ୍ଥାୟୀ ବିକାଶ ଦିଗରେ ଲୋକମାନଙ୍କୁ ସଚେତନ କରିବା ।
  - ପ୍ରକୃତ ହିତାଧିକାରୀ ଚିହ୍ନଟ କରିବାରେ ସହାୟତା କରିବା ।
  - ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରମିକମାନଙ୍କ ନାମ ପଞ୍ଜିକରଣ କରି ଜବ୍‌କାର୍ଡ ସଂଗ୍ରହ କରିବା ସମ୍ବନ୍ଧରେ ସୂଚନା ଦେବା ଓ ସହାୟତା କରିବା ।
  - ମଜୁରୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗ୍ରାମବାସୀଙ୍କୁ ଜଣାଇବା ।
  - ବେରୋଜଗାରୀ ଭତ୍ତା ବିଷୟରେ ଲୋକମାନଙ୍କୁ ଧାରଣା ଦେବା ।
  - ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ସମ୍ବନ୍ଧୀୟ ପତ୍ର ପତ୍ରିକାକୁ ସର୍ବସାଧାରଣ ସ୍ଥାନରେ ଲଗାଇ ଲୋକମାନଙ୍କୁ ସଚେତନ କରିବା ।
  - ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ତଥା ସ୍ୱେଚ୍ଛାସେବୀ ସଂଗଠନ ସହ ସୁସମ୍ପର୍କ ରଖି ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ଓ ଉପୁଜୁଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ସହଯୋଗର ହାତ ବଢ଼ାଇବା ।
  - ଏହି ଆଇନ୍ ସମ୍ବନ୍ଧୀୟ ନୂଆ ତଥ୍ୟ ଓ ସୂଚନା ସରକାରଙ୍କ ପାଖରୁ ଆସିଲେ କାର୍ଯ୍ୟ ନିର୍ବାହୀଙ୍କ ଠାରୁ ବୁଝି ଲୋକମାନଙ୍କୁ ଅବଗତ କରାଇବା ଇତ୍ୟାଦି ।

# ଚିତ୍ର ନଂ-୧୨



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍
## ଚିତ୍ର ନଂ - ୧୩

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କଣ ଦେଖୁଛ ?
- ଏହି ଲୋକମାନେ କିଏ ?
- ଚାରିଚକିଆ ଗାଡ଼ିରେ ଆସିଥିବା ବ୍ୟକ୍ତି ଜଣକ କିଏ ?
- ତୁମ ଅଞ୍ଚଳରେ ଏମ୍.ଏଲ୍.ଏ / ଏମ୍.ପି. ବା କୌଣସି ରାଜନୈତିକ ନେତା ତୁମ ଗାଁକୁ ପରିଦର୍ଶନ କରନ୍ତି କି ?
- ଏମ୍.ଏଲ୍.ଏ. ବା କୌଣସି ରାଜନୈତିକ ନେତା ପରିଦର୍ଶନ ସମୟରେ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଆଇନ୍ ସମ୍ପର୍କରେ ବା ଏହା କିପରି କାର୍ଯ୍ୟକାରୀ ହେଉଛି, ସେ ବିଷୟରେ ଗ୍ରାମବାସୀଙ୍କୁ ପଚାରି ବୁଝନ୍ତି କି ?
- ଏହି ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ନେତାମାନଙ୍କର ଆଗ୍ରହ କିଭଳି ରହିଛି ?
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ସଫଳ ରୂପାୟନ ନିମନ୍ତେ ରାଜନୈତିକ ନେତାଙ୍କର ଭୂମିକା କିପରି ରହିଛି ?


## ଯୋଗାଯୋଗ ପାଇଁ ସୂଚନା

**ବିଷୟବସ୍ତୁ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର ସଫଳ ରୂପାୟନ ନିମନ୍ତେ ରାଜନୈତିକ ନେତାଙ୍କର ଭୂମିକା**

**ଶିକ୍ଷଣୀୟ ବିନ୍ଦୁ :**

- ଗ୍ରାମାଞ୍ଚଳରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସଂକ୍ରାନ୍ତୀୟ ଦେଖାଦେଉଥିବା ସମସ୍ୟା ଗୁଡ଼ିକ ପ୍ରତି ରାଜନୈତିକ ନେତାମାନେ ସମ୍ବେଦନଶୀଳ ରହିବା ସେମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ।
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସମ୍ବନ୍ଧୀୟ ସୂଚନା ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ନେତାଙ୍କର ଅନ୍ୟତମ ଭୂମିକା ।
- ଏହି ଯୋଜନା କିପରି କାର୍ଯ୍ୟକାରୀ ହେଉଛି ତଦାରଖ କରିବାରେ ରାଜନୈତିକ ନେତାଙ୍କର ଭୂମିକା ରହିବା ଆବଶ୍ୟକ ।
- ଗ୍ରାମାଞ୍ଚଳ ପରିଦର୍ଶନ ସମୟରେ ଗାଁ ଲୋକମାନଙ୍କ ସହ ଆଲୋଚନା କରି ଲୋକମାନଙ୍କର ସମସ୍ୟାଗୁଡ଼ିକୁ ଗୁରୁତ୍ୱ ଦେଇ ପଞ୍ଚାୟତ ତଥା ପ୍ରଶାସନକୁ ସମାଧାନ ନିମନ୍ତେ ପରାମର୍ଶ ଦେବା ନେତାମାନଙ୍କର ଆଉ ଏକ ଭୂମିକା ।

# ଚିତ୍ର ନଂ-୧୩



# ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍

ଚିତ୍ର ନଂ - ୧୪

**ବିଶ୍ଳେଷଣାତ୍ମକ ପ୍ରଶ୍ନାବଳୀ :**

- ଏହି ଚିତ୍ରରେ କଣ ଦେଖୁଛ ?
- ଏଠାରେ କି ସଭା ହେଉଛି ?
- ଏହି ସଭାରେ କେଉଁମାନେ ଯୋଗଦାନ କରିଛନ୍ତି ?
- ସଭାରେ ଭାଷଣ ଦେଉଥିବା ବ୍ୟକ୍ତି ଜଣକ କିଏ ?
- ଚୌକିରେ ବସିଥିବା ଅନ୍ୟ ବ୍ୟକ୍ତିମାନେ କିଏ ?
- ବ୍ଲକ୍ ସ୍ତରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କର୍ମଶାଳା ହେବା ବିଷୟରେ ତୁମର ଧାରଣା ଅଛି କି ?
- ବ୍ଲକ୍ ସ୍ତରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କର୍ମଶାଳା ଲୋକମାନଙ୍କୁ ସହାୟତା କରିବ କି ?
- ବ୍ଲକ୍ ସ୍ତରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ସଭାକର୍ମଶାଳା ଯୋଜନାକୁ ସଫଳ ରୂପାୟନ ନିମନ୍ତେ ସହାୟକ ହେବ କି ?


## ଯୋଗାଯୋଗ ପାଇଁ ସୂଚନା

### ବିଷୟବସ୍ତୁ : ବ୍ଲକ୍ ସ୍ତରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ କର୍ମଶାଳାର ଗୁରୁତ୍ୱ

**ଶିକ୍ଷଣୀୟ ବିନ୍ଦୁ :**


- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର ସଫଳ ରୂପାୟନ ନିମନ୍ତେ ବ୍ଲକ୍ ସ୍ତରୀୟ କର୍ମଶାଳାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ।
- ଏହି କର୍ମଶାଳା ଏମ୍.ଏଲ୍.ଏ., ଜିଲ୍ଲା ପରିଷଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଲୋକ ସଂଗଠନର କର୍ମକର୍ତ୍ତା ତଥା ଗୋଷ୍ଠୀ ନେତାମାନଙ୍କ ଉପସ୍ଥିତିରେ ହେବା ଆବଶ୍ୟକ ।
- ବିଭିନ୍ନ ସଚେତନା ମୂଳକ କର୍ମଶାଳା ଓ ସଭାରେ ଏମ୍.ଏଲ୍.ଏ., ଜିଲ୍ଲାପରିଷଦଇତ୍ୟାଦିଙ୍କୁ ଯୋଗଦାନ କରାଇ ସଭାରେ ଲୋକପ୍ରତିନିଧି ଭାବେ ଉକ୍ତ ଆଇନ୍ ସମ୍ବନ୍ଧୀୟ ତଥ୍ୟ ଲୋକମାନଙ୍କ (ମହିଳା ସ୍ୱୟଂ ସହାୟକ ଦଳ, ଗ୍ରାମ୍ୟ ଉନ୍ନୟନ କମିଟି, ପଞ୍ଚାୟତ ଉନ୍ନୟନ କମିଟି, କୃଷକ ସଂଘ, ଯୁବକ ସଂଘ, ପଞ୍ଚାୟତି-ରାଜ ଅନୁଷ୍ଠାନ)ଠାରେ ପହଞ୍ଚାଇବା ନିତାନ୍ତ ଆବଶ୍ୟକ ।
- ଏଣୁ ଲୋକମାନଙ୍କର ଦାରିଦ୍ର୍ୟତା ଦୂର କରିବା ପାଇଁ ଏହି ଆଇନ୍‌ର କାର୍ଯ୍ୟକାରିତା ତଥା ପ୍ରତ୍ୟେକ ସ୍ତରରେ ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ସ୍ତରରେ ଯଥା - ପଞ୍ଚାୟତ ଅନୁଷ୍ଠାନ, ଲୋକ ସଂଗଠନ ଓ ପ୍ରଶାସନର ସହଯୋଗ ଏକାନ୍ତ କାମ୍ୟ ।

# ଚିତ୍ର ନଂ-୧୪



# N R E G A

## ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍



SPREAD

*Spread the light of freedom*

## ଗ୍ରାମ୍ୟ ସ୍ତରୀୟ ଯୋଗାଯୋଗ ପୁସ୍ତିକା